## ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ

**ବାଙ୍କୀ,୧୨।୩/ଏନ୍‌ଏନ୍‌ଏସ୍ :** ଡମପଡ଼ା ବ୍ଲକ୍ ବିଲିପଡ଼ା ପଞ୍ଚାୟତରେ ୧୨ ଟି ୱାର୍ଡର ୫୮୦ ଜଣ ହିତାଧିକାରୀଙ୍କୁ ସ୍ୱଚ୍ଛ ଭାରତ ମିଶନ ତରଫରୁ ମିଳୁଥିବା ପାଇଖାନା ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଛି । ସମିତିସଭ୍ୟ ତଥା ବ୍ଲକ୍‌ର ସ୍ଥାୟୀ କମିଟି ଅଧକ୍ଷ ନିତ୍ୟାନନ୍ଦ ବେହେରା, ନାଏବ ସରପଞ୍ଚ ବିକ୍ରମ ମନ୍ତ୍ରୀ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ୱାର୍ଡସଭ୍ୟା ସସ୍ମିତା ପଲେଇ, ସୁଷମା ସ୍ୱାଇଁ, ମାମି ରାଉତ, ଅରକ୍ଷୀତ ରାଉତ, ବିରବର ପଣ୍ଡା, ଦିପ୍ତିମୟୀ ବାରିକ, ସୁରେଶ ସାମଲ, ଶ୍ରୀନିବାସ ରାଉତ, କଲ୍ୟାଣୀ ପ୍ରଧାନ, ରଶ୍ମିତା ମଲ୍ଲିକ,ଗୃପଧାରୀ ରାଉତଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ ।

### ବେଦାନ୍ତର ବେଆଇନ୍ ପାଉଁଶ ଫିଙ୍ଗା ଘଟଣା

## ତୁରନ୍ତ ଉଠାଇବାକୁ ସୁପାରିସ୍

**ପ୍ରଫୁଲ୍ଲ କୁମାର ଦାଶ, ସମ୍ବଲପୁର,୧୨।୩:**

ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସଂସ୍ଥାଗୁଡ଼ିକର ବେଆଇନ ପାଉଁଶ ପରିଚାଳନା ସାଧାରଣ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ନିର୍ଦ୍ଧାରିତ ପାଉଁଶ ପୋଖରୀ ବାହାରେ ଯେ କୌଣସି ସ୍ଥାନରେ ପାଉଁଶ ଫିଙ୍ଗିବା ଆରମ୍ଭ ହୋଇଯାଇଛି । ଏପରିକି ଜନବସତି ଅଞ୍ଚଳରେ ମଧ୍ୟ ପାଉଁଶ ଫିଙ୍ଗା ଯାଉଛି । ସଂପ୍ରତି ସୁନ୍ଦରଗଡ଼ ସହରର ଜନବସତି ଅଞ୍ଚଳରେ ବେଦାନ୍ତ ଆଲୁମିନିୟମ୍ ଲିମିଟେଡ୍ ପ୍ରାୟ ୨ ଏକର ଜମିରେ ପାଉଁଶ ଫିଙ୍ଗିବା ଘଟଣା ସମ୍ପୂର୍ଣ୍ଣ ସତ୍ୟ ବୋଲି ପରିଦର୍ଶନ ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ରିପୋର୍ଟ ପ୍ରଦାନ କରିଛନ୍ତି । ବେଦାନ୍ତ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଞ୍ଚଳିକ ଅଧିକାରୀ ବୋର୍ଡର ସଭ୍ୟ ସଚିବଙ୍କୁ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲାର ମହେଶଡିହି, ଜଗନ୍ନାଥପଡ଼ା ଓ ଲୋହରାଡ଼ିପାରେ ବେଦାନ୍ତ ଆଲୁମିନିୟମ୍ ବେଆଇନ ଭାବରେ କାରଖାନାର ପାଉଁଶ ଆଣି ଫିଙ୍ଗୁଥିବା ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହା ମଧ୍ୟରେ ପ୍ରଦୂଷଣ ବୋର୍ଡ ଅଧିକାରୀ ଓ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରି ପୃଥକ୍ ରିପୋର୍ଟ ପ୍ରଦାନ କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ବୟାନ୍ ଅନୁସାରେ ୧୦ ଫେବୃଆରୀରୁ ବେଦାନ୍ତ ଆଲୁମିନିୟମ୍‌ର ପାଉଁଶ ଆଣି କେତେକ ଯୁବକ ଏହି ଅଞ୍ଚଳରେ ପୋତିବା ଆରମ୍ଭ କରିଥିଲେ । ପରିଦର୍ଶନ କାଳରେ ଗୋଟିଏ ରୋଲର ପାଉଁଶ ସମତଳ କରୁଥିବା ଦେଖାଯାଇଥିଲା । ମହେଶଡିହି ଓ ଜଗନ୍ନାଥପଡ଼ାରେ ପାଉଁଶ ଫିଙ୍ଗା ସ୍ଥାନ ନିକଟରେ ଜନବସତି ରହିଛି । ପବନ ବୋହିବା ସମୟରେ ପାଉଁଶ ଝଡ଼ ସୃଷ୍ଟି ହୋଇ ସ୍ଥାନୀୟ ଲୋକଙ୍କୁ ଅସୁବିଧାରେ ପକାଉଛି । ଏହି କାରଣରୁ ଏଠାରେ ସ୍ୱାଭାବିକ ନାଳ ପ୍ରକ୍ରିୟା ମଧ୍ୟ ବନ୍ଦ ହୋଇ ମଇଳା ପାଣି ନିଷ୍କାସିତ ହୋଇପାରୁ ନାହିଁ । ଏଠାରେ ତୁରନ୍ତ ପାଉଁଶ ଫିଙ୍ଗିବା ବନ୍ଦ କରିବା, ଏଠାରୁ ପାଉଁଶ ବାହାର କରି ନିର୍ଦ୍ଧାରିତ ପାଉଁଶ ପୋଖରୀରେ ପକାଇବା ଓ ତୁରନ୍ତ ଏଠାରେ ଯଥେଷ୍ଟ ପରିମାଣରେ ପାଣି ସିଞ୍ଚନ କରିବା ପାଇଁ ଆଞ୍ଚଳିକ ଅଧିକାରୀ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ତହସିଲଦାର ମଧ୍ୟ ତାଙ୍କ ରିପୋର୍ଟରେ ରୟତି ଜମି ଉପରେ ପାଉଁଶ ଫିଙ୍ଗା ଯାଇଥିବା ଉଲ୍ଲେଖ କରି ନାଳ ନର୍ଦ୍ଦମା ବନ୍ଦ କରି ଦିଆଯାଇଥିବାରୁ ଜଳବାହିତ ରୋଗ ହେବାର ଆଶଙ୍କା କରିଛନ୍ତି ।

## ଅସ୍ତରଙ୍ଗ କେନାଲରେ ସାପ ଭୟ

**ଅସ୍ତରଙ୍ଗ,୧୨।୩/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟରେ ଥିବା କୁକୁଡ଼ା ଭାଡ଼ିକୁ ୩ଟି ତମ୍ପ ସାପ ଖାଦ୍ୟ ଅନ୍ୱେଷଣରେ ଆସି କୁକୁଡ଼ା ମାଲିକ ବିଛାଇଥିବା ଜାଲରେ ଛନ୍ଦି ହୋଇ ପଡ଼ିଥିଲେ । ସକାଳୁ ଲୋକମାନେ ଦେଖି ସାପକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ସାପଗୁଡ଼ିକ ଗର୍ଜନ କରିଥିଲେ । ଲୋକମାନେ ଭୟଭୀତ ହୋଇ ତାଙ୍କୁ ମାରି ଦେଇଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଜଳିଗଲେ ୫୦...

'କାଠମାଣ୍ଡୁ ପୋଷ୍ଟ'କୁ କହିଛନ୍ତି, "ବିମାନକୁ ରନ୍‌ୱେର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବା ଲାଗି ଅନୁମତି ମିଳିଥିଲା ବେଳେ ତାହା ଉତ୍ତର ପାର୍ଶ୍ୱରେ ଅବତରଣ କଲାବେଳେ ଏଭଳି ଅଘଟଣ ଘଟିଥିଲା । ରନ୍‌ୱେରେ ଅବତରଣ କଲାବେଳେ ବିମାନଟି ନିୟନ୍ତ୍ରଣ ହରାଇଥିଲା । ତେବେ ଏପରି କାହିଁକି ଘଟିଲା, ଆମେ ସେଥିନେଇ ଏପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ପହଞ୍ଚି ନାହୁଁ । ବିମାନରେ କିଛି ବୈଷୟିକ ତ୍ରୁଟି ରହିଥିବା ଆମେ ଅନୁମାନ କରୁଛୁ ।"

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବା ପରେ ଫୁଟ୍‌ବଲ୍ ପଡ଼ିଆ ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା । ଅନେକ ଯାତ୍ରୀଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯିବା ଦେଖାଯାଇ ଥିଲା । ଏହି ଦୁର୍ଘଟଣା ପରେ ପରେ କାଠମାଣ୍ଡୁର ତ୍ରିଭୁବନ ଇଣ୍ଟର ନ୍ୟାସନାଲ ଏୟାରପୋର୍ଟରେ ବିମାନ ଉଡ଼ାଣ ଓ ଅବତରଣ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା । ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି, ସ୍ୱରାଷ୍ଟ୍ରମନ୍ତ୍ରୀ ରାମ ବାହାଦୂର ଥାପ୍ପା ଓ ପ୍ରତିରକ୍ଷାମନ୍ତ୍ରୀ ଈଶ୍ୱର ପୋଖାରେଲ୍ ଏୟାରପୋର୍ଟକୁ ଆସି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଢାକାର ଏହି ଘରୋଇ ବିମାନ ଚଳାଚଳ ସଂସ୍ଥା ୟୁଏସ୍ - ବଂଲା ଏୟାର ଲାଇନ୍ସ ୨୦୧୪ ଜୁଲାଇରେ ଲଞ୍ଚ୍ ହୋଇଥିଲା । ଏହାର ମୂଳ ଲକ୍ଷ୍ୟ 'ଫ୍ଲାଏ ଫାଷ୍ଟ, ଫ୍ଲାଏ ସେଫ୍' (ଦ୍ରୁତ ଯାତ୍ରା, ନିରାପଦ ଯାତ୍ରା) ବୋଲି ଏହି ବିମାନ ଚଳାଚଳ ସଂସ୍ଥା ଦର୍ଶାଉଥିଲା ବେଳେ ଆଜି ତା'ର ବ୍ୟତିକ୍ରମ ସମସ୍ତଙ୍କୁ ମର୍ମାହତ କରିଛି ।

### ଚାଷୀଙ୍କ ଶକ୍ତି...

କହିଥିଲେ ଯେ, ରାଜ୍ୟରେ ଅର୍ଥର ଅଭାବ ନଥିବା ବେଳେ ଚାଷୀ ପେନ୍‌ସନ୍ ପାଇଁ ସରକାର ଆଗ୍ରହ ପ୍ରକାଶ ନକରିବା ସରକାରଙ୍କ ଚାଷୀ ବିରୋଧୀ ମନୋଭାବକୁ ପ୍ରକାଶ କରୁଛି ।

ଏହି ସମାବେଶରେ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, କବି ରବୀନ୍ଦ୍ର ସାହୁ, ଅଶୋକ ଜେନା, ଯାଜପୁର ସଂଯୋଜକ ଦୁର୍ଗାପ୍ରସାଦ ଦାସ, ଜଗତସିଂହପୁର ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ଛାତ୍ର ସଂଗଠକ ମନୱ୍ୱର୍ ଅଲ୍ଲୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ମହାରଣା, ତ୍ରିଲୋଚନ ପଣ୍ଡା, ପ୍ରଫୁଲ୍ଲ ଜେନା, ଗୋବିନ୍ଦ ମହାପାତ୍ର, ଦୁର୍ଗାଚରଣ ବାରିକ, ଭବାନୀ ଶଙ୍କର ସାହୁ, ସଚିନ୍ମୟ ମହାପାତ୍ର, ମମତା ନାଥ, ବସୁଦେବ ସାହୁ, ସୁବାସ ପଣ୍ଡା, ସୁରେଶ ମାନସିଂହ, ବିପ୍ରଚରଣ ସାହୁ, ବିଳାସିନୀ ପ୍ରମୁଖ ଯୋଗ ଦେଇଥିଲେ ।

### ଚାଷୀଙ୍କ ଦାବି ମାନିନେଲେ...

ମଧ୍ୟ ଆଜିଠାରୁ ଆରମ୍ଭ ହୋଇଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଏବଂ ଟ୍ରାଫିକ୍ ଅସୁବିଧାକୁ ଦୃଷ୍ଟିରେ ରଖି ରାତିରେ ଶୋଭାଯାତ୍ରାରେ ଯିବାକୁ ସ୍ଥିର କରିଥିଲେ । ତେବେ ତା ପୂର୍ବରୁ ସରକାର ସେମାନଙ୍କ ଦାବି ମାନି ନେଇଛନ୍ତି । ସରକାରଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଘୋଷଣା ପରେ ଆନ୍ଦୋଳନ ପ୍ରତ୍ୟାହାର ହେଲା ବୋଲି କୃଷକ ନେତା ଘୋଷଣା କରିଥିଲେ । ୧୭୦ କି.ମି. ଚାଲି ଚାଲି ଆସିଥିବା ଚାଷୀଙ୍କ ନାଶିକ୍ ଫେରିବା ପାଇଁ ସରକାର ଟ୍ରେନ୍‌ର ସୁବିଧା କରିଛନ୍ତି ।

### ପୋଷାକରେ ସିମେନ୍...

ରାଜ୍ୟବ୍ୟାପୀ ଝଡ଼ ସୃଷ୍ଟି ହୋଇଥିଲା । କିନ୍ତୁ ପୀଡ଼ିତାଙ୍କ ରାଜ୍ୟ ଫରେନ୍ସିକ୍ ରିପୋର୍ଟରେ ସିମେନ୍ ଦାଗ ଥିବା ନେଇ ଜାନୁଆରୀ ୨୫ ତାରିଖରେ ଅଭିଯୋଗ ହେବା ପରେ ମାମଲା ଭିନ୍ନ ମୋଡ଼ ନେଇଥିଲା । ଫଳରେ ଷଣ୍ଢୁଆସି ଆକ୍ରମଣର ଶୀକାର ହୋଇଥିଲେ ସରକାର । ଏଣୁ ୨ୟ ମତ ପାଇଁ ନମୁନା କୋଲକାତାସ୍ଥିତ ସିଏଫ୍‌ଏସ୍‌ଏଲ୍‌କୁ ପଠାଯିବ ବୋଲି ଘୋଷଣା କରିଥିଲେ ପୁଲିସ୍ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା । ଫେବୃଆରୀ ୧୦ ତାରିଖରେ ସିଏଫ୍‌ଏସ୍‌ଏଲ୍‌କୁ ନମୁନା ପଠାଯାଇଥିଲା । ଫରେନ୍ସିକ୍ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ଓ ବିବାଦ ସୃଷ୍ଟି କରାଯାଇଥିବାରୁ ଓ ଗଣମାଧ୍ୟମରେ ଏହାକୁ ନେଇ 'ଭୁଲ ତର୍ଜମା' କରାଯାଉଥିବାରୁ ଅଧିକ ଯାଞ୍ଚ୍ ପାଇଁ ନମୁନାକୁ ସିଏଫ୍‌ଏସ୍‌ଏଲ୍ ପଠାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ୍ ପକ୍ଷରୁ କୁହାଯାଇଛି । କିନ୍ତୁ ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସିଏଫ୍‌ଏସ୍‌ଏଲ୍ ରିପୋର୍ଟ ପ୍ରାୟ ୨୦ ଦିନ ତଳୁ ମିଳିସାରିଥିଲେ ମଧ୍ୟ ବହୁ ବିଳମ୍ବରେ ଏହାକୁ ସାର୍ବଜନୀନ କରାଯାଇଛି । ସୂଚନାଯୋଗ୍ୟ, କୁନ୍ଦୁଲି ମାମଲାରେ ଏସ୍‌ଆଇଟି ତଦନ୍ତ ନେଇ ସରକାର ଘୋଷଣା କରିସାରିଥିଲେ ମଧ ଏ ଯାଏ ଏସ୍‌ଆଇଟି ଗଠନ ହୋଇନାହିଁ । ଅବଶ୍ୟ ସରକାର ହାଇକୋର୍ଟକୁ ଏଥିପାଇଁ ଚିଠି ଲେଖି ସାରିଛନ୍ତି ।

### ୩ ମାସ ଚୁପ୍ ରହିବା...

ପ୍ରକ୍ରିୟା ହୋଇଥିବାବେଳେ ରାଜ୍ୟ ସରକାର ଏନେଇ ସବୁ ପଦକ୍ଷେପ ନେଉଛନ୍ତି । ରାଜ୍ୟ ସରକାର ମଧ୍ୟ ପ୍ରତିମାସରେ ଉଚ୍ଚସ୍ତରୀୟ ବୈଠକ କରି ଏସବୁ କାର୍ଯ୍ୟର ସମୀକ୍ଷା କରୁଛନ୍ତି ବୋଲି ପରିବହନ ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ତେଣୁ ରାଜ୍ୟ ସରକାର ଯୋଗାଇ ଦେଇଥିବା ଜମିରେ ରେଳବାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଠିକ୍ ଭାବେ କରିବା ପାଇଁ ସେ ଅନୁରୋଧ କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ୨୦୧୭ ଡିସେମ୍ବର ୨୬ତାରିଖରେ ରେଳବାଇ ବୋର୍ଡ ମେମ୍ବର ଇଞ୍ଜିନିୟରିଂ ଦେଇଥିବା ଚିଠିକୁ ପ୍ରତ୍ୟାହାର କରିବା ନିମନ୍ତେ ଶ୍ରୀନିବାସ ଦାବି କରିଛନ୍ତି । ରେଳବାଇ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟକୁ ରାଜ୍ୟ ସରକାର ପ୍ରତି ମାସରେ ସମୀକ୍ଷା କରୁଥିବାବେଳେ ଡିସେମ୍ବରରୁ ଆସିଥିବା ଚିଠି ଉପରେ କିଭଳି କୌଣସି ପଦକ୍ଷେପ ନିଆଯାଇନଥିଲା ବୋଲି ଏବେ ପ୍ରଶ୍ନ ଉଠୁଛି । ଏ ସମ୍ପର୍କରେ ଜଣେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କହିଛନ୍ତି ଯେ, ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କ ପ୍ରତି ପ୍ରଶାସନିକ ଅଧିକାରୀମାନେ ସଚେତନ ହେବା ଜରୁରୀ । ଯଦି କୌଣସି ପ୍ରସଙ୍ଗରେ ଅସଙ୍ଗତି ରହିଛି ତା'ହେଲେ ତାକୁ ବିରୋଧ କରାଯାଇପାରେ କିନ୍ତୁ ସମ୍ପୃକ୍ତ ଚିଠିକୁ ରଦ୍ଦ ଅବା ପ୍ରତ୍ୟାହାର କରିବା ନିମନ୍ତେ ଚିଠି ଲେଖିବା ପ୍ରଶାସନିକ ସୌଜନ୍ୟ ନୁହେଁ । ସୂଚନାଯୋଗ୍ୟ ୨୦୧୮-୧୯ ଆର୍ଥିକ ବର୍ଷର ରେଳ ବଜେଟ୍‌ରେ ଓଡ଼ିଶା ସରକାର ୬୫୦୦କୋଟି ଟଙ୍କା ଦାବି କରିଥିବାବେଳେ ରାଜ୍ୟକୁ ୫୨୫୨ କୋଟି ଟଙ୍କା ଆବଣ୍ଟିତ ହୋଇଛି ।

# ଡେଲାଙ୍ଗ ବ୍ଲକ୍ ସମ୍ମୁଖରେ ଗଣଧାରଣା

AICCTU
ଗଣଧାରଣା
AICCTU, CPI(M-L), AIKM

**ଡେଲାଙ୍ଗ,୧୨।୩/ଏନ୍‌ଏନ୍‌ଏସ୍:** ୬ ଦଫା ଦାବି ନେଇ ଡେଲାଙ୍ଗ ବ୍ଲକ୍ ସିପିଆଇ ଲିବରେସନ୍ କମିଟି ପକ୍ଷରୁ ବ୍ଲକ୍ ସମ୍ମୁଖରେ ଗଣଧାରଣାରେ ବସିଥିଲେ । ଡେଲାଙ୍ଗ ବ୍ଲକ୍ ପରିସରରେ ଥିବା ପଞ୍ଚାୟତ ସଭାଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣି ଚାଲିଥିବା ବେଳେ ସିପିଆଇଏମ୍‌ଏଲ୍ ଅଶୋକ ପ୍ରଧାନ ଓ କିଷାନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିକ୍ଷୋଭରେ କରିଥିଲେ । ମଣ୍ଡି ମାଧ୍ୟମରେ ସରକାରୀ ଦରରେ ଧାନ କିଣିବା ଓ ଏହାର ତଦାରଖ କରିବା, ଭୂମିହୀନମାନଙ୍କୁ ଘରପଟା ପ୍ରଦାନ କରିବା ଓ ସମସ୍ତ ସିକିମ ପ୍ରଜାଙ୍କୁ ମାଲିକାନା ସତ୍ୱରୁ ମୁକ୍ତ କରିବା, ନିର୍ମାଣ ଶ୍ରମିକମାନଙ୍କ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବା, ଦୟାନଦୀ ଓ ଲୁଣାନଦୀର ବିଷାକ୍ତ ପାଣିକୁ ଲୋକମାନଙ୍କୁ ଯୋଗାଇବା ବନ୍ଦ କରିବା, ଯୁଦ୍ଧକାଳୀନ ଭିତ୍ତିରେ ବିଶୁଦ୍ଧ ପାନୀୟଜଳ ଯୋଗାଇବା, କଣ୍ଟି ଓ ମାଧିପୁର କାଜକୁ ବନ୍ଦ ପାଇଁ ତୁରନ୍ତ ପଦକ୍ଷେପ ନେବା ଓ ଉପଯୁକ୍ତ ଲୋକଙ୍କୁ ତୁରନ୍ତ ଖାଉଟି କାର୍ଡ଼ ପ୍ରଦାନ କରିବା ଆଦି ଦିଗରେ ସିପିଆଇଏମ୍‌ଏଲ୍ ଶ୍ରୀ ପ୍ରଧାନ ଓ ଶ୍ରୀ ପଟ୍ଟ ନାୟକ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଏନେଇ ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ଉକ୍ତ ଘଟଣା ଦିଗରେ ନଜର ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

## 'ଆମ ମାତୃଭାଷା ଆମ ସମ୍ମାନ ଓ ଗୌରବ'

**ନିଶ୍ଚିନ୍ତକୋଇଲି,୧୨।୩/ଏନ୍‌ଏନ୍‌ଏସ୍ :** ୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ମିଳିଥିଲା । ଏହି ଦିବସକୁ ସ୍ମରଣ ରଖିବା ପାଇଁ ରବିବାର ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଛି । ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଶ୍ରୀଧର ଶେଖର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ରଥ, ସ୍ତମ୍ଭକାର ପ୍ରମୋଦ କୁମାର ନାୟକ, ଶିକ୍ଷାବିତ୍ ନିତ୍ୟାନନ୍ଦ ପରିଜା, ଶିଶୁ ସାହିତ୍ୟିକ ପ୍ରଶନ୍ନ ପତି, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାମ୍ବାଦିକ ପ୍ରକାଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ଆମ ମାତୃ ଭାଷା ଆମ ସମ୍ମାନ ଓ ଆମ ଗୌରବ ହୋଇଥିବାରୁ ଏହାର ନିର୍ଭୁଲ ଲେଖା ଏବଂ ନିର୍ଭୁଲ କଥା ବାର୍ତ୍ତା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଥିଲେ ।

## ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରେଣୀଗୃହ

**ନିଶ୍ଚିନ୍ତକୋଇଲି,୧୨।୩/ଏନ୍‌ଏନ୍‌ଏସ୍ :** ନିଶ୍ଚିନ୍ତକୋଇଲି ବରାଦୋ ପଞ୍ଚାୟତ ମଝି ବରାଦୋ ହାଡ଼ିବନ୍ଧୁ ମଇ ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ବିପଦ ସଂକୁଳ ଅବସ୍ଥାରେ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଯାଉଛି । ଏହାର ପ୍ରତିକାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ଦୁଇଟି ଶ୍ରେଣୀରେ ୩୦ ଜଣ ଛାତ୍ରଛାତ୍ରୀ ପାଇଁ ୨ ଜଣ ଶିକ୍ଷକ ଅଛନ୍ତି । ବିଦ୍ୟାଳୟର ଚାଳ ଛପର ଗୃହଟି ଜରାଜୀର୍ଣ୍ଣ ଓ ବିପଦ ସଂକୁଳ ଅବସ୍ଥାରେ ରହିଛି । ଅର୍ଥର ଅଭାବହେତୁ ବିଦ୍ୟାଳୟ ଗୃହକୁ ଛାଉଣୀ କରାଯାଇ ପାରୁନାହିଁ । ଟିକିଏ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ଲହଡ଼ି ଖେଳେ । ଫଳରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି । ସରକାରଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି । କିନ୍ତୁ ନୂତନ ଗୃହ ନିର୍ମାଣ ନିମନ୍ତେ କୌଣସି ଅର୍ଥ ଯୋଗାଇ ଦିଆଯାଉନାହିଁ । ଯାହା ଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ କୌଣସି ପରିସ୍ରାଗାର ନଥିବାବେଳେ ପାନୀୟ ଜଳର ସୁବନ୍ଦୋବସ୍ତ ନାହିଁ । ପ୍ରଶାସନ ତରଫରୁ ଏହିସବୁ ସମସ୍ୟାର ସମାଧାନ ପାଇଁ ଲୋକେ ଦାବି କରିଛନ୍ତି ।

## ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ

**କଣ୍ଟାପଡ଼ା,୧୨।୩/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରସ୍ଥିତ ଶ୍ରୀ ଗୁରୁକୃପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ବିତରଣ କରାଯାଇଛି । ଏହି ଉପଲକ୍ଷେ ଆଜି କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଓ ଗବେଷଣା ପ୍ରତିଷ୍ଠାନରେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଅଧ୍ୟକ୍ଷତା କରି ଟ୍ରଷ୍ଟ ଆନୁକୂଲ୍ୟରେ ଏ ଧରଣର କାର୍ଯ୍ୟକୁ ପ୍ରଶଂସା କରି ଏହି ଧାରା ବଜାୟ ରହିବ ବୋଲି କହିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀ ବ୍ରଜଚକୋରୀ ଦେବୀ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ପ୍ରତିଷ୍ଠାନର ୩୦ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ସହିତ ଅନ୍ୟାନ୍ୟ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ଟ୍ରଷ୍ଟ ସମ୍ପାଦକ ଚୌଧୁରୀ ଚିତ୍ତରଞ୍ଜନ ଦାସ ସଭା ପରିଚାଳନା କରିଥିଲେ । ଫିଜିଓ ଥେରାପୀ ବିଭାଗର ମୁଖ୍ୟ ଡାକ୍ତର ପତିତପାବନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ନିଶ୍ଚିନ୍ତକୋଇଲି ଉପଡ଼ାକଘରେ ଅଚଳାବସ୍ଥା

**ନିଶ୍ଚିନ୍ତକୋଇଲି,୧୨।୩/ଏନ୍‌ଏନ୍‌ଏସ୍ :** ନିଶ୍ଚିନ୍ତକୋଇଲି ଉପଡାକଘରେ ବାରମ୍ବାର ସଞ୍ଚୟ ଓ ଉଠାଣ ବନ୍ଦ ରହୁଥିବା ଯୋଗୁ ଗ୍ରାହକ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ଉପଡାକଘର ଉପରେ ସ୍ଥାନୀୟ ୧୪ଟି ଶାଖା ଡାକଘରର କର୍ମଚାରୀମାନେ ଅର୍ଥ ସଞ୍ଚୟ ଓ ଉଠାଣ ନିମନ୍ତେ ନିର୍ଭର କରିଥାନ୍ତି । ଗତ ୬ ଓ ୭ ତାରିଖ ଦିନ ଏହି ଉପଡାକଘରର ପୋଷ୍ଟ ମାଷ୍ଟର ସତ୍ୟଜିତ ମହାପାତ୍ର ସୋମବାର ଏହି ଉପଡାକଘରର କ୍ୟାସିୟର ରାମଚନ୍ଦ୍ର ସାହୁ ଛୁଟିରେ ରହିଥିଲେ । ଫଳରେ ଆଜି ଏହି ଉପଡାକଘରେ ସଞ୍ଚୟ ଓ ଉଠାଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ତେବେ ଏହି ଡାକଘରେ ବାରମ୍ବାର ନାନା ପ୍ରକାର ବିଭ୍ରାଟ ଘଟିବା ଯୋଗୁ ବହୁ ସମୟରେ ଡାକଘରେ ଅଚଳାବସ୍ଥା ସୃଷ୍ଟି ହେଉଛି । ଫଳରେ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

## ନଦୀବନ୍ଧରେ ବାଇକ୍ ପୋଡ଼ି

**ଜଗତପୁର,୧୨।୩/ଏନ୍‌ଏନ୍‌ଏସ୍:** ଜଗତପୁର ଥାନା ଅର୍ନ୍ତଗତ ସୁନାରିବଣ ବାଲିଘାଟ ପାର୍ଶ୍ୱ ମହାନଦୀ ବନ୍ଧ ଉପରେ ରବିବାର ବିଳମ୍ବିତ ରାତ୍ରିରେ ଗୋଟିଏ ଅଜଣା ବାଇକ୍ ସମ୍ପୂର୍ଣ୍ଣ ଜଳି ଯାଇଛି । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଗାଡି ପୋଡି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋରଧରିଛି । ବିଶ୍ୱସ୍ତସୂତ୍ରରୁ ପ୍ରକାଶଯେ, ଜଳିଯାଇଥିବା ବାଇକ୍‌ଟି ସ୍ଥାନୀୟ ଅଞ୍ଚଳର ଜୈନିକ ଏକ ଡ୍ରାଇଭର ବ୍ୟବହାର କରନ୍ତି । ରବିବାର ରାତ୍ରିରେ ଡ୍ରାଇଭର ଜଣକ ବାଇକ୍‌ଟିକୁ ନଦୀ ବନ୍ଧ ବସ୍ତି ନିକଟରେ ରଖିଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିଲେ । ପୂର୍ବ ଶତୃତାକୁ ନେଇ ବାଇକ୍ ପୋଡି ଦେଇଥିବା ନେଇ ସନ୍ଦେହ କରାଯାଉଛି । ଏନେଇ ପୁଲିସରେ କୌଣସି ଅଭିଯୋଗ ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଆଗଉନି ବ୍ରହ୍ମଗିରି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

**ବ୍ରହ୍ମଗିରି,୧୨।୩/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଲାଣି । ସବୁଆଡେ ଗାଡିଆ ପୋଖରୀ ଶୁଖିବାକୁ ଲାଗିଲାଣି । ଲୋକେ ପିଇବାକୁ ପାଣି ପାଇଁ ଏବେ ଠାରୁ ଚିନ୍ତାରେ ପଡିଲେଣି । କିନ୍ତୁ ଚାରି ବର୍ଷ ପୂର୍ବରୁ ବ୍ରହ୍ମଗିରିରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଆଗେଇ ପାରୁନି । କାମ ଆରମ୍ଭ ହେଲା କିନ୍ତୁ ଆଜିସୁଦ୍ଧା ତାର କାମ ଶେଷ ହୋଇ ନାହିଁ । ଏହି ପ୍ରକଳ୍ପ ଚାଲୁ ହେଲେ ରାୟବିଧାର, ମଣପଡ଼ା, ବ୍ରହ୍ମଣିଆ, କହଳପଦା, କୁସୁବେଣ୍ଟି, ଧରଣୀକୁଦି ପ୍ରାୟ ୬ଟି ପଞ୍ଚାୟତର ଲୋକେ ଉପକୃତ ହେବେ । ଏଥିପାଇଁ ବିଭିନ୍ନ ସ୍ଥାନରେ ପାଣି ଟାଙ୍କି ନିର୍ମାଣ କାମ ହେଲା । ମୁଖ୍ୟ ପାଇପ୍ ମଧ ବିଛା ଚାଲିଛି । କିନ୍ତୁ ଆଜି ସୁଦ୍ଧା ମୁଖ୍ୟ ପାଇପ ବିଛା କାମ ଶେଷ ହୋଇ ନାହିଁ । କେବଳ ସେତିକି ନୁହେଁ ପାଣି ଟାଙ୍କିଠାରୁ ପ୍ରତ୍ୟକ ଗାଁକୁ ଷ୍ଟାଣ୍ଡ ପୋଷ୍ଟ ପାଇଁ ପାଇପ୍ ବିଛାଯିବା କଥା । ସେ କାମର ଶୁଭ ଆରମ୍ଭ ହୋଇ ନାହିଁ । ଆଶ୍ଚର୍ଯ୍ୟର କଥା ଗତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ଏହି ମେଗା ପ୍ରକଳ୍ପ କାମ ଶେଷ କରି ପିଇବା ପାଣି ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀ କହିଥିଲେ । କିନ୍ତୁ ଡେସେମ୍ବର ଯାଇ ମାର୍ଚ୍ଚ ଅଧା ହେଲାଣି ପାଇପ୍ ବିଛା କାମ ଶେଷ ହୋଇ ନାହିଁ । ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳ ହେଇଥିବାରୁ ନଳକୂପରୁ ଲୁଣି ଓ ଖାରି ପାଣି ବାହାରୁଛି । ଲୋକେ ଅନ୍ୟ ଉପାୟ ନପାଇ ଏହି ଲୁଣି ଓ ଖାରି ପାଣି ପିଇବାକୁ ବାଧହେଉଛନ୍ତି । ଫଳରେ ଏହି ପାଣି ପିଇ ବିଭିନ୍ନ ରୋଗରେ ଆକ୍ରନ୍ତ ହେଉଛନ୍ତି । ବିଭାଗୀୟ ଅଧିକାରୀଙ୍କ ପାଖରେ ଏହି ପ୍ରକଳ୍ପ କାର୍ଯ୍ୟ କେବେ ଶେଷ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ । ତୁରନ୍ତ ମେଗା ପାନୀୟ ଜଳ ପ୍ରକଳ୍ପକୁ ଶେଷ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଜଳାଶୟ ପୁନରୁଦ୍ଧାର ପାଇଁ ବିଜେପିର ଦାବି

**ବାଙ୍କୀ,୧୨।୩/ଏନ୍‌ଏନ୍‌ଏସ୍ :** ବାଙ୍କୀ ନିର୍ବାଚନ ମଣ୍ଡଳୀ ବିଜେପି ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ନିଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଗୋଡ଼ିସାହି ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଅଧିକ ଖରା ହେଉଥିବାରୁ ବାଙ୍କୀ-ବାରଙ୍ଗ ଅଞ୍ଚଳର କୂଅ, ପୋଖରୀ ଓ ନଳକୂପ ଶୁଖିଯିବା ସହିତ ଋଷଜମି ଫାଟିବାରେ ଲାଗିଲାଣି । ଓଡିଶା ସରକାର ତୁରନ୍ତ ଏ ଅଞ୍ଚଳରେ ଥିବା କୂଅ, ପୋଖରୀ, ନଳକୂପ, ଉଠାଜଳସେଚନ ଓ କ୍ଷୁଦ୍ର ଜଳ ସେଚନକୁ ପୁନରୁର୍ଦ୍ଧାର କରାଯିବାକୁ ସୋମବାର ବିଜେପି ପକ୍ଷରୁ ଦାବି କରାଯାଇଛି ।

ଏହି ବୈଠକରେ ବାଙ୍କୀର ବରିଷ୍ଠ ବିଜେପି ନେତା ସୁବଳ କୁମାର ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତଥା କଟକ ଜିଲ୍ଲା ଓବିସି ମୋର୍ଚ୍ଚା ଉପସଭାପତି ଅଜୟ ମୁଦୁଲି, ବାରଙ୍ଗ ବ୍ଲକ୍ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ, ମଣ୍ଡଳ ଉପସଭାପତି ସୁରେଶ ଷଡ଼ଙ୍ଗୀ, ଶ୍ୟାମସୁନ୍ଦର ସାହୁ, ଡମପଡ଼ା ମଣ୍ଡଳ ଉପସଭାପତି ସୁଶାନ୍ତ ଦାଶ, ସୁବର୍ଣ୍ଣପୁର ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ପ୍ରସନ୍ନ ସ୍ୱାଇଁ, ସୁଶାନ୍ତ ଭୋଇ, ଉଚ୍ଛବ ବେହେରା, କଟକ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ମନୋଜ କୁମାର ଦଳେଇ, ସୁଧୀର ମହାନ୍ତି, ସୂର୍ଯ୍ୟନାରାୟଣ ସାହୁ, କାହ୍ନୁଚରଣ ସାହୁ ଓ ବାଦଲ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ରାପାଟି ଆର୍‌ଆଇ ଅଫିସ୍ ସମ୍ମୁଖରୁ ହଟିଲା ଜବରଦଖଲ

**ଅସ୍ତରଙ୍ଗ,୧୨।୩/ଏନ୍‌ଏନ୍‌ଏସ୍ :** ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପାଟି ଆର୍‌ଆଇ ଅଫିସ୍ ସମ୍ମୁଖରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି । ତହସିଲଦାର ଜନ୍ମେଞ୍ଜୟ ସାହୁ ସଦଳବଳେ ଯାଇ ଜବରଦଖଲ ଉଚ୍ଛେଦ କରିଥିଲେ । ଉଚ୍ଛେଦ ପ୍ରକ୍ରିୟା ସଫଳ ହୋଇଥିବା ବେଳେ ସ୍ଥାନୀୟ ପୁଲିସ୍ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ମୁତୟନ କରାଯାଇଥିଲା । ପ୍ରକାଶଥାଉ କି, ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି କେନ୍ଦ୍ରାପାଟି ଆର୍‌ଆଇ ଅଫିସ୍ ସମ୍ମୁଖରେ ଥିବା ଗୋଚର ଜମିକୁ ଦଖଲ କରି ସେଠାରେ ଏକ ଆଜବେଷ୍ଟ ଘର କରିବା ସହ ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ । ଫଳରେ ସରକାରୀ ଜମିକୁ ନିଜ ଦଖଲକୁ ନେଇ ବ୍ୟବହାର କରିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇ ଆସୁଥିଲା । ଏଥିପାଇଁ ଅସ୍ତରଙ୍ଗ ତହସିଲ୍ ତରଫରୁ ଏକ ମାମଲା ରୁଜୁ ହୋଇଥିଲା । ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ କିଛି ଦିନ ପୂର୍ବରୁ ସରକାରୀ ନୋଟିସ୍ ଜାରି କରି ଆଜି ଉଚ୍ଛେଦ ପ୍ରକ୍ରିୟା କରିବାକୁ ତହସିଲଦାର ଶ୍ରୀ ସାହୁ ପହଞ୍ଚିଥିଲେ । ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ବେଳେ ଗ୍ରାମବାସୀ ଅନ୍ୟ ଅଞ୍ଚଳ ଉପରେ ଅଭିଯୋଗ କରିବାରୁ ସେମାନଙ୍କୁ ଲିଖିତ ଅଭିଯୋଗ କରିବାକୁ ତହସିଲଦାର ପରାମର୍ଶ ଦେଇଥିଲେ ।

# ଶ୍ରୀରାମ ବଜାର ଚାରିଛକରେ ହମ୍ପ୍ସ ନିର୍ମାଣ ଦାବି

**ବୟାଳିଶମୌଜା,୧୨।୩/ଏନ୍‌ଏନ୍‌ଏସ୍:** ମରଣଯନ୍ତା ପାଲଟିଛି କଟକସଦର ବ୍ଲକ୍ ବୟାଳିଶମୌଜା ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମ ବଜାର ଚାରିଛକି । ଗତିରୋଧକ ପାଇଁ କୌଣସି ବ୍ୟବସ୍ଥାନଥିବାରୁ ଦ୍ରୁତଗତିରେ ଯାତାୟାତ କରୁଛି ଗାଡ଼ି ମଟର । ଫଳରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇ ଅକାଳରେ ଚାଲି ଯାଉଛି ଜୀବନ । ତେଣୁ ଉକ୍ତ ଚାରିଛକିର ଚାରି ଦିଗକୁ ଯାଇଥିବା ରାସ୍ତା ଗତିରୋଧକ ହମ୍ପସ୍ ନିର୍ମାଣ କରିବା ସହିତ ଟ୍ରାଫିକ୍ ପୁଲିସ୍ ମୁତୟନ କରିବାକୁ ଦାବି ହୋଇଛି ।

କଟକସଦର ବ୍ଲକ୍ ବୟାଳିଶମୌଜା ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମ ବଜାର ଏକ ପ୍ରମୁଖ ବଜାର । ବୟାଳିଶମୌଜା ଅଞ୍ଚଳକୁ ଚାରିଗୋଟି ସବୁଦିନିଆ ପୋଲ ନିର୍ମାଣ ହୋଇ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଯାନବାହନ ଦ୍ରୁତ ଗତିରେ ଚାଲୁଛି । ମୁଖ୍ୟ ଭାବରେ ବେଣ୍ଟକାର ବଜାର ଓ କଳପଡା ବଜାର ଦେଇ ଶ୍ରୀରାମ ବଜାରକୁ ଦେଇ କଟକସହରକୁ ଯାଇଥାନ୍ତି । ଶ୍ରୀରାମ ବଜାର ଚାରି ଛକି ରାସ୍ତା ହୋଇଥିବା ବେଳେ କୌଣସି ଗତିରୋଧକ ନିମନ୍ତେ କୌଣସି ବ୍ୟବସ୍ଥା ନଥିବାରୁ ଗାଡ଼ି ଗୁଡିକ ଦ୍ରୁତଗତିରେ ଯାତାୟାତ କରୁଛନ୍ତି ।

ପ୍ରତ୍ୟେକ ଦିନ ୩ରୁ ଉର୍ଦ୍ଧ୍ୱ ଛୋଟ ବଡ ଦୁର୍ଘଟଣା ଘଟୁଛି । ଫଳରେ ଅନେକ ସମୟରେ ଦୁର୍ଘଟଣାମାନ ଘଟି ଜୀବନ ଚାଲିଯାଉଛି । ସେହିପରି ଗତ ଦୋଳ ପୂର୍ଣ୍ଣମୀ ଦିନ ଉକ୍ତ ଚାରି ଛକିରେ ଦୁଇବାଇକ୍ ମୁହାଁମୁହିଁ ଧକ୍କା ଫଳରେ ଦୁଇଜଣ ବ୍ୟକ୍ତିଙ୍କ ଅକାଳରେ ମୃତ୍ୟୁ ଘଟିଥିଲା । ଏଣୁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଚାରିଛକିରେ ରାସ୍ତା ଗତିରୋଧକ ହମ୍ପସ୍ ନିର୍ମାଣ କରିବା ସହିତ ଟ୍ରାଫିକ୍ ପୁଲିସ୍ ମୁତୟନ କରିବାକୁ ଶ୍ରୀରାମ ବଜାର ପୂଜାକମିଟିର ସଭାପତି ଅର୍ଜ୍ଜୁନ୍ ଚରଣ ପଣ୍ଡା, ସମ୍ପାଦକ ସୂର୍ଯ୍ୟମଣୀ ଦାଶ, ଶ୍ରୀରାମ ବଜାର ବ୍ୟବସାୟୀ ମହାସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କଟକ ଜିଲ୍ଲା ଆରଡ଼ିସି, କଟକ ଜିଲ୍ଲାପାଳ, ଭୁବନେଶ୍ୱର-କଟକ ପୁଲିସ୍ କମିଶନର୍, କଟକ ଡିସିପି, ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

**AFFIDAVIT**

By Virtue of an affidavit before Executive Magistrate, Khordha, I **Gajendra Kumar Sahoo,** At-Tarini Medical Store, Old Bus Stand Khordha, PO/PS/Dist.- Khordha declare that my real name is **Gajendra Kumar Sahoo** which is recorded in my all educational credentials and all relevant documents but in my LIC Policy my name is mentioned as Dinesh Kumar Sahoo instead of **Gajendra Kumar Sahoo.** Dinesh Kumar Sahoo & **Gajendra Kumar Sahoo** is one & same person. I shall be known as **Gajendra Kumar Sahoo** for all purposes.

**AFFIDAVIT**

By Virtue of an affidavit before Executive Magistrate, Bhubaneswar, I Sudhir Kumar Senapati, resident of At-Kharigarh, P.O.- Gagalasahi, P.S.-Niali, Dist.- Cuttack, Odisha do hereby declare that my sons name is recorded as Divyajyoti Senapti in his Birth Certificate but I want to change his name from Divyajyoti Senapati to **Tripathy Divyajyoti Senapati** for all purposes. Divyajyoti Senapati & **Tripathy Divyajyoti Senapati** is one & same person.
That the facts stated above are all true to the best of my knowledge and belief.